SWACHHTA & SHRAMDAN
MAHAVIR YOUBJYOTI CLUB

ବାଲିଅନ୍ତା (ଭାସ୍କର ନ୍ୟୁଜ୍) : ବାଲିଅନ୍ତା ବ୍ଲକ୍ ସ୍ଥିତ ଆପଟ ସାହି ଗ୍ରାମର ମହାବୀର ଯୁବଜ୍ୟୋତି କ୍ଲବ, ଯୁବ ଓ ନାରୀ କଲ୍ୟାଣ ପ୍ରତିଷ୍ଠାନ ଓ ଭାରତ ସରକାରଙ୍କର ନେହେରୁ ଯୁବ କେନ୍ଦ୍ର, ଖୋର୍ଦ୍ଧାଙ୍କ ମିଳିତ ସହଯୋଗରେ ଗତ ୭ ତାରିଖ ଦିନ ଏକ ଦିନିକିଆ ଗ୍ରାମ୍ୟ ସ୍ୱଚ୍ଛତା ଓ ଶ୍ରମଦାନ କାର୍ଯ୍ୟକ୍ରମ ଆପଟ ସାହି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମ ରାସ୍ତାର ସଫେଇ, ପରିବେଶ ସୁରକ୍ଷା, ପରିମଳ ପାଇଖାନା ବ୍ୟବହାର, ବୃକ୍ଷରୋପଣ, କରୋନା ଓ ଓମିକ୍ରନ୍ ରୋଗ ଦୂରୀକରଣ ସଂପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ କ୍ଲବର ସଭାପତି ନିରଞ୍ଜନ ଗାୟା ଓ ପ୍ରତିଷ୍ଠାନର ସଂପାଦକ ପାଟଯୋଶୀ ଶିବପ୍ରସାଦ ପରିଚାଳନା କରିଥିଲେ ।

ବର୍ଷାଙ୍କ ସ୍ୱାଉସ୍ କାର୍ଡ ଫେରସ୍ତ ମାମଲା

ସଚିବଙ୍କ ନିର୍ଦ୍ଦେଶ ଉପରେ ହାଇକୋର୍ଟଙ୍କ ରହିତାଦେଶ



କଟକ(ଭାସ୍କର ନ୍ୟୁଜ): ବର୍ଷା-ଅନୁଭବ ବିବାଦ ମାମଲାରେ ବର୍ଷାଙ୍କ ପାର୍ଲିଆମେଣ୍ଟ୍ ସ୍ୱାଉସ୍ କାର୍ଡ ପ୍ରତ୍ୟାହାର ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । ବର୍ଷାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ପାର୍ଲିଆମେଂଟ୍ ସ୍ୱାଉସ୍ ଆଇଡେଂଟି କାର୍ଡ ପ୍ରତ୍ୟାହାର ଉପରେ ଅନ୍ତରୀଣ ରହିତାଦେଶ ଜାର କରିଛନ୍ତି । ସୂଚନାଥାଉକି ସୂଚନାଥାଉକି ବର୍ଷା ଓ ଅନୁଭବଙ୍କ ବୈବାହିକ ଜୀବନକୁ ପୁନଃ ପ୍ରତିଷ୍ଠା ନିମନ୍ତେ କଟକର ପାରିବାରିକ କୋର୍ଟରେ ବର୍ଷାଙ୍କ ପକ୍ଷରୁ ଆବେଦନ ହୋଇଛି । ତେବେ ଅନୁଭବଙ୍କ ପକ୍ଷରୁ ବର୍ଷାଙ୍କୁ ଛାଡପତ୍ର ଦେବାକୁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ଏକ ମାମଲା ରୁଜୁ କରିଥିଲେ । ଏହି ମାମଲା ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କଟକର ପାରିବାରିକ ଅଦାଲତକୁ ସ୍ଥାନାନ୍ତର ହେବା ପରେ ଏଠାରେ ଉକ୍ତ ମାମଲା ବିଚାରାଧୀନ ରହିଛି । ତେଣୁ ଉଭୟଙ୍କ ମଧ୍ୟରେ ଛାଡପତ୍ର ମାମଲା ଚାଲିଥିବାରୁ ବର୍ଷାଙ୍କୁ ଦିଆଯାଇଥିବା ପାର୍ଲିଆମେଣ୍ଟ୍ ସ୍ୱାଉସ୍ ଆଇଡେଣ୍ଟି କାର୍ଡ ପ୍ରତ୍ୟାହାର କରିବାକୁ ଅନୁଭବ ଲୋକସଭା ସଚିବଙ୍କ ନିକଟରେ ଆବେଦନ କରିଥିଲେ । ଅନୁଭବଙ୍କ ଉକ୍ତ ଆବେଦନ ଆଧାରରେ ଲୋକସଭା ସଚିବଙ୍କ ପକ୍ଷରୁ ବର୍ଷାଙ୍କୁ ପାର୍ଲିଆମେଣ୍ଟ୍ ସ୍ୱାଉସ୍ ଆଇଡେଣ୍ଟି କାର୍ଡ ଲୋକସଭାରେ ଦାଖଲ କରିବାକୁ କୁହାଯାଇଥିଲା । ତେବେ ଲୋକସଭା ସଚିବଙ୍କ ପକ୍ଷରୁ କାର୍ଡ ଦାଖଲ କରିବାକୁ ଦିଆଯାଇଥିବା ନୋଟିସ୍ ବିରୋଧରେ ବର୍ଷା ହାଇକୋର୍ଟରେ ଆବେଦନ କରିଥିଲେ । ସେହିପରି ବର୍ଷା-ଅନୁଭବ ବିବାଦ ପ୍ରସଙ୍ଗକୁ ନେଇ ଗଣମାଧ୍ୟମରେ ଅନୁଭବ ବିଭିନ୍ନ ସମୟରେ ଦେଉଥିବା ବିବୃତିକୁ ବନ୍ଦ କରିବା ପାଇଁ ହାଇକୋର୍ଟ ଆଦେଶ ଦିଅନ୍ତୁ ବୋଲି ମଧ୍ୟ ବର୍ଷା ଏହି ମାମଲାରେ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ବର୍ଷାଙ୍କ ପକ୍ଷରୁ ଉକ୍ତ ଆବେଦନର ଶୁଣାଣି କରି ଲୋକସଭା ସଚିବଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶନାମା ଉପରେ ରହିତାଦେଶ ଜାରି କରିଛନ୍ତି । ଆସନ୍ତା ମାର୍ଚ୍ଚ ୧୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଆବେଦନକାରୀ ବର୍ଷାଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମାମଲାକୁ ଆଇନଜୀବୀ ସୁଜାତା ଜେନା ପରିଚାଳନା କରୁଥିଲେ ।

ଦୋକାନରେ ଅଗ୍ନିକାଣ୍ଡ

ଭଞ୍ଜନଗର (ଭାସ୍କର ନ୍ୟୁଜ୍): ଭଞ୍ଜନଗର ନିକଟସ୍ଥ ବାଉଁଶଲୁଣ୍ଡି ନିକଟ ଏକ ହାର୍ଡୱେର ଦୋକାନରେ ଅଗ୍ନିକାଣ୍ଡ ଘଟି ଏକ ନିଶ୍ଚିତ ବିପଦ ଟଳିଯାଇଛି । ନିକଟସ୍ଥ ପଣ୍ଡା ହାର୍ଡୱେର ଷ୍ଟୋରରେ ଘଟିଥିଲା ଏଭଳି ଘଟଣା । ଅଗ୍ନିଶମ ବିଭାଗ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସୋମବାର ପ୍ରାୟ ଗୋଟାଏ ବେଳେ ଦୋକାନ ଭିତରେ ଅଗ୍ନିକାଣ୍ଡ ଘଟିଥିଲା । କୌଣସି ପୁରୁଣା ରସାୟନିକ ଗୁଣ୍ଡରୁ ପ୍ରତିକ୍ରିୟା ଘଟି ନିଆଁ ଲାଗିଥିଲା କୁହାଯାଇଛି । ଫଳରେ ଷ୍ଟୋରରେ କାମ କରୁଥିବା କିଛି କର୍ମଚାରୀ ଦୋକାନ ବାହାରକୁ ଚାଲି ଆସିଥିଲେ ଏବଂ ଭଂଜନଗର ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଲେ । ଦୋକାନ ଭିତରେ ନିଆଁର ପ୍ରକୋପ ବୃଦ୍ଧି ପାଇବା ପୂର୍ବରୁ ନିଆଁକୁ ନିୟନ୍ତ୍ରଣ କରିଦେଇଥିଲେ । ଫଳରେ ଅଗ୍ନିକାଣ୍ଡର ଭୟାବହ ରୋକାଯିବା ସହ ଅନ୍ୟ କୌଣସି ରସାୟନିକ ପଦାର୍ଥରେ ନିଆଁ ଲାଗି ଭୟାବହ ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ତାହାକୁ ରୋକି ଦିଆଯାଇଥିବା କହିଛନ୍ତି ଅଗ୍ନିଶମ ବିଭାଗ ଅଧିକାରୀ।

ପୋରାଧ୍ୟକ୍ଷ ସଂରକ୍ଷଣରେ ତଞ୍ଚକତା

ରାଜ୍ୟ ନିର୍ବାଚନ କମିଶନ ଆଗରେ ଫେରାଦ ହେଲା ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ସ୍ଥାନ ଓ ପଦ ସଂରକ୍ଷଣ ଏବଂ ଭୋଟର ତାଲିକା ପ୍ରସଙ୍ଗରେ ବିଜ୍ଞପ୍ତି ଜାରୀ କରିଛନ୍ତି । ପୌରାଧ୍ୟକ୍ଷ ସଂରକ୍ଷଣକୁ ନେଇ ହୋଇଥିବା ଏକ ବଡ ତଞ୍ଚକତା ସାମ୍ନାକୁ ଆସିଛି । ସୁନ୍ଦରଗଡ ଜିଲ୍ଲାର ବିରମିତ୍ରପୁର ମ୍ୟୁନିସିପାଲିଟିର ୮୦ ପ୍ରତିଶତ ଆଦିବାସୀ ବହୁଳ ହୋଇଥିବା ବେଳେ ୩ଟି ୱାର୍ଡ ଅଣସଂରକ୍ଷିତ ହୋଇଥିବା ବେଳେ ଅନ୍ୟ ସମସ୍ତ ଏସଟିଙ୍କ ପାଇଁ ସଂରକ୍ଷିତ ରହିଛି । ଏଭଳି ସ୍ଥିତିରେ ପୌରାଧ୍ୟକ୍ଷ ପଦଟି କେଉଁ ଆଧାରରେ ଅଣସଂରକ୍ଷିତ ଭାବେ ପ୍ରକାଶ ପାଇଛି ? ଏହାକୁ ବିରୋଧ କରି ବିରମତ୍ରପୁର ବିଧାୟକ ଶଙ୍କର ଓରାମ ଗତ ଜାନୁଆରୀ ୨୮ ତାରିଖ ଦିନ ଡାଇରେକ୍ଟର ମ୍ୟୁନିସିପାଲ ଆଡମିନଷ୍ଟ୍ରେସନ୍, ହାଉସିଂ ଓ ଅର୍ବାନ ଡେଭେଲପମେଣ୍ଟ, ଓଡିଶା ସରକାରଙ୍କୁ ଏକ ପତ୍ର ଲେଖି ଅଭିଯୋଗ କରିଛନ୍ତି । ଏଭଳି କିଛି ଅଭିଯୋଗକୁ ନେଇ ସୋମବାର ବିଜେପି ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି । ସେହିପରି ଗତ ୩ ତାରିଖ ସକାଳେ ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ପଦମପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡୁମୁଡୁମି ଛକ ଠାରେ ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ ଶୁବାଷିଶ ସାହୁଙ୍କ ହୋର୍ଡିଂ / ବ୍ୟାନରକୁ ସ୍ଥାନୀୟ ତହସିଲଦାରଙ୍କ ସରକାରୀ ଗାଡି (ଓଡି-୦୭ ଏବି ୫୫୬୬)ରେ କିଛି ବିଜେଡି କର୍ମୀମାନେ ଆସି ଚିରିଫାଡି ଦେଇଥିଲେ । ଯାହାକି ଗଣମାଧମରେ ପ୍ରକାଶ ପାଇଛି ଏବଂ ଏହାର ସିଡି ମଧ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟରେ ଅବାଧ, ମୁକ୍ତ ଓ ନିରପେକ୍ଷ ପଂଚାୟତ ଏବଂ ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ତୁରନ୍ତ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ତରଫରୁ ଦାବୀ କରାଯାଇଛି । ଏହି ପ୍ରତିନିଧି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ଲିଗାଲସେଲ୍‌ର ରବି ଶଙ୍କର ପଟ୍ଟନାୟକ, ମହେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ କର୍ପୋରେଟର ସୁଶାନ୍ତ କୁମାର ଜେନା ପ୍ରମୁଖ ସାମିଲ ଥିଲେ ।

ଗଡ଼ିଲା କୋଭିଡ ସଚେତନତା ରଥ

ବାଲେଶ୍ୱର (ଭାସ୍କର ନ୍ୟୁଜ୍): ଜିଲାବାସୀଙ୍କ ମଧ୍ୟରେ କରୋନା ସଚେତନତା ସୃଷ୍ଟି ପାଇଁ ସୋମବାରଠାରୁ କୋଭିଡ ସଚେତନତା ରଥ ପରିକ୍ରମା ଆରମ୍ଭ କରିଛି । ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ରଥ ଗଡ଼ିବା ଶୁଭାରମ୍ଭ କରିଥିଲା। ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଏହାକୁ ଉଦଘାଟନ କରିଥିଲେ । ଜିଲା ପ୍ରଶାସନ, ଆକ୍ସନଏଡ ଓ ଜ୍ଞାନଶ୍ରୀ ସଂଗଠନର ମିଳିତ ସହଯୋଗରେ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଜିଲାର ସବୁ ବ୍ଲକ ଏହିରଥ ପରିକ୍ରମା କରିବ । ବିଶେଷ କରି କରୋନା ପ୍ରତିହତ ପାଇଁ ଆବଶ୍ୟକ ସତର୍କତା ଅବଲମ୍ବନ ସାଙ୍ଗକୁ କିଶୋର ଟିକାକରଣ, ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିରୋଧ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ ବୋଲି ଜିଲାପାଳ ଆଶା ପ୍ରକାଶ କରିଛନ୍ତି । ଏହି ରଥ ଉଦଘାଟନ ବେଳେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ, ଦ୍ରୋପଦୀ ମାରାଣ୍ଡି, ଚାଇଲ୍ଡ ଲାଇନ କେନ୍ଦ୍ର ପରିଚାଳକ ପ୍ରଶାନ୍ତ କୁମାର ରାଉତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ, ଆକ୍ସନଏଡର ଜିଲା ସଂଯୋଜିକା ଶକୁନ୍ତଳା ଦାଶ, ଜ୍ଞାନଶ୍ରୀ ମୁଖ୍ୟ ପ୍ରଶାନ୍ତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁନ୍ତଳା କୁମାରୀ ମଲିକ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

ଏଟିଏମ୍ ଲୁଟ୍ ବିଫଳ

ବାଳକାଟୀ (ଭାସ୍କର ନ୍ୟୁଜ୍) : ଏଟିଏମ ଲୁଟ ସମୟରେ ବିଫଳ ହେଲେ ଲୁଟେରା । ଘଟଣାଟି ଘଟିଛି ରାଜଧାନୀ ଉପକଣ୍ଠ ବାଳକାଟି ବଜାର ଫାଣ୍ଡି ଛକରେ । ସୋମବାର ପାଖାପାଖି ରାତି ୧୦ଟା ସମୟରେ ଜଣେ ଲୁଟେରା ଆସି ଏହି ଛକରେ ଥିବା ଏସ୍‌ବିଆଇ ଏଟିଏମ୍ ଲୁଟ କରିବାକୁ ଉଦ୍ୟମ କରିଥିଲେ । ଏଟିଏମର ଡିସପ୍ଲେ ଭାଙ୍ଗିବା ସହିତ ଟଙ୍କା ବାହାର କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ବିଫଳ ହୋଇଥିଲେ । ସ୍ଥାନୀୟ ଲୋକେ ଏହା ଦେଖି ହୋ ହାଲା କରିଥିଲେ । ଲୁଟେରାଟି ଏହା ଜାଣିପାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଘଟଣାସ୍ଥଳରେ ବାଳକାଟି ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି । ସିସିଟିଭି ଆଧାରରେ ଆଗକୁ ତଦନ୍ତ କରାଯିବ ବୋଲି ପୋଲିସ ସୂତ୍ରରୁ ଖବର ମିଳିଛି ।

ଆଚରଣବିଧି ଉଲ୍ଲଂଘନ ଅଭିଯୋଗରେ ୨ ଶିକ୍ଷକ ନିଲମ୍ବିତ

ବ୍ୟାସନଗର (ଭାସ୍କର ନ୍ୟୁଜ): ଆଚରଣବିଧି ଉଲ୍ଲଂଘନ ଅଭିଯୋଗରେ ୨ ଶିକ୍ଷକ ନିଲମ୍ବିତ ହୋଇଛନ୍ତି । ସାଧାରଣ ପଂଚାୟତ ନିର୍ବାଚନ ୨୦୨୨ର ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଦୁଇଜଣ ଶିକ୍ଷକଙ୍କୁ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ନିଲମ୍ବିତ କରିଛନ୍ତି । ଦୁଇ ଶିକ୍ଷକ ହେଲେ ଯାଜପୁର ବରୀ ବ୍ଲକ ଗମ୍ଭୁ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କୁମର ଚନ୍ଦ୍ର ଶୁକ୍ଳା ଓ ସେରପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନକୁଳ ଚନ୍ଦ୍ର ରାଉତ । ଏହି ଦୁଇ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ଦେଇଛନ୍ତି ଜିଲ୍ଲାପାଳ ।

ବିଜେପିରେ ସାମିଲ ହେଲେ ଏକାମ୍ର ନିର୍ବାଚନ ମଣ୍ଡଳୀର ବହୁ ଯୁବନେତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ଏବଂ ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ ଙ୍କ ନେତୃତ୍ୱରେ ଏକାମ୍ର ନିର୍ବାଚନର ବହୁ ଯୁବ ନେତୃତ୍ୱ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ଏକାମ୍ର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାସୁଆଘାଇ ପଂଚାୟତର ଯୁବ ନେତା ବିପ୍ର ଚରଣ ଜେନା (ବାପୁ)ଙ୍କ ନେତୃତ୍ୱରେ ସ୍ଥାନୀୟ ଅଂଚଳର ଯୁବ ନେତା ସନ୍ତୋଷ ଜେନା, ସୁରେଶ ଜେନା, ଅଶୋକ ବସ୍ତିଆ, ବିମଳ ଲେଙ୍କା, ମୁନା ଜେନା, ସୁଶୀଲ ଦାସ, ବିଶ୍ୱଜିତ୍ ମହାନ୍ତି, ରଶ୍ମୀରଞ୍ଜନ ଜେନା, ଇଲିୟାସ ନାୟକ, ଦିଲିପ ଜେନା, ପ୍ରିତୀ ରଞ୍ଜନ ସାହୁ, ବବଲୁ ନାଏକ, ସୁଧାଂଶୁ ନାୟକ, ଅଲେଖ ମହାପାତ୍ର, ଶଙ୍କର ଦାସ, ଅକ୍ଷୟ ପଣ୍ଡା, ଚିକୁ ସାହାଣୀ, ଜଗନ ନାୟକ, ଅରକ୍ଷିତ ସ୍ୱାଇଁ ପ୍ରମୁଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଏବଂ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ସମସ୍ତ ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ ।

ଶକ୍ତିଧର ଦାଶ ବାରଙ୍ଗ ବିଜେଡି ଉପସଭାପତି ନିଯୁକ୍ତ

ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ ପାଇଁ ଶକ୍ତିଧର ଦାଶ ଙ୍କୁ ବିଜୁ ଯୁବ ଜନତା ଦଳର ଉପ ସଭାପତି ଭାବରେ ନିଯୁକ୍ତ କରାଯାଇଛି । ଶ୍ରୀ ଦାସଙ୍କ ଏହି ନିଯୁକ୍ତିକୁ ବିଜୁ ଜନତା ଦଳର ରାଜ୍ୟ ସଭାପତି ଅନୁମୋଦନ କରିଛନ୍ତି । ଶ୍ରୀ ଦାସଙ୍କ ନିଯୁକ୍ତି ଫଳରେ ବାରଙ୍ଗ ବ୍ଲକରେ ବିଜୁ ଯୁବ ଜନତା ଦଳ ଅଧିକ ଶସକ୍ତ ହେବ ବୋଲି ଜିଲ୍ଲା ସଭାପତି ସ୍ମୃତି ରଞ୍ଜନ ନାୟକ ଆଶା ବ୍ୟକ୍ତ କରିଛନ୍ତି । ଶ୍ରୀ ଦାସ ଉପସଭାପତି ନିଯୁକ୍ତି ପରେ ତାଙ୍କୁ କବିନ୍ଦ ସିଂହ, ସୁକାନ୍ତ ବେହେରା, ସନ୍ତୋଷ ପାଣି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

ପ୍ରାର୍ଥୀମାନଙ୍କ ବ୍ୟାନର ଚିରାକୁ ନେଇ ଏତଲା

ସାଲେପୁର (ଭାସ୍କର ନ୍ୟୁଜ) : ରାଇସୁଙ୍ଗୁଡ଼ା ପଞ୍ଚାୟତରେ ଏବେ ବିଭିନ୍ନ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କର ବ୍ୟାନର ଚିରା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ବ୍ୟାନର ଚିରାନେଇ ବେଣୁଧର ପ୍ରଧାନ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ପ୍ରକାଶ ଯେ ରାଇସୁଙ୍ଗୁଡ଼ା ପଞ୍ଚାୟତରେ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀମାନେ ନିଜର ପ୍ରଚାର ପ୍ରସାର ପାଇଁ ନିଜର ଚିହ୍ନ ଥିବା ବ୍ୟାନର ଓ ଫଟୋ ଚିତ୍ରଲଗାଇ ଭୋଟରମାନଙ୍କୁ ଭୋଟ ଭିକ୍ଷା କରୁଥିବାବେଳେ କେହି ଆକ୍ରୋଶ ମନୋଭାବ ରଖି ପ୍ରାର୍ଥୀମାନଙ୍କର ବ୍ୟାନର ଗୁଡିକୁ ଚିରି ଦେଉଛନ୍ତି । ଏହାନେଇ ପ୍ରାର୍ଥୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରକାଶଯେ ରାଇସୁଙ୍ଗୁଡ଼ା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ୱାତିପ୍ରଭା ମହାପାତ୍ର ଓ ସମିତିସଭ୍ୟ ପ୍ରାର୍ଥୀ ତପନ କୁମାର ଲେଙ୍କାଙ୍କ ବ୍ୟାନରକୁ ଚିରି ଦେଉଥିବାନେଇ ରାଇସୁଙ୍ଗୁଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ବେଣୁଧର ପ୍ରଧାନ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଲତାଙ୍କ ପାଇଁ...

ବିୟୋଗରେ ଦେଶ ଜଣେ ମହାନ୍ ପ୍ରଚ୍ଛଦପଟ୍ଟ ଗାୟିକା, ଦରଦୀ ମଣିଷ ଏବଂ ଭାରତୀୟ ସଙ୍ଗୀତ ଏବଂ ଚଳଚ୍ଚିତ୍ର ଶିଳ୍ପର ଉତ୍ତୁଙ୍ଗ ବ୍ୟକ୍ତିତ୍ୱଙ୍କୁ ହରାଇଛି । ତାଙ୍କର ବିୟୋଗରେ ଗୋଟାଏ ଯୁଗର ଅବସାନ ଘଟିବା ସହ ସଙ୍ଗୀତ ଜଗତରେ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହୋଇଛି । ସେହିପରି ଲୋକସଭା ଅଧିବେଶନକୁ ମଧ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ସେଠାରେ ମଧ୍ୟ ଅନୁରୂପ ଭାବେ ଲତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ଆନ୍ତଃରାଜ୍ୟ କୁଖ୍ୟାତ ...

ଜଣାପଡ଼ିଛି । ପୋଲିସ ହେମନ୍ତଙ୍କ ନିକଟରୁ ୪ଟି ସୁନା କାନଫୁଲ, ଗୋଟିଏ ସୁନା ଚୁଡ଼ି, ୨ଟି ସୁନାଚେନ୍, ୪ଟି ମୁଦି, ଗୋଟିଏ ରୁପା ମୁକୁଟ, ୨ ହଳ ରୁପା ପାଉଁଜି, ଗୋଟିଏ ଆଧାର କାର୍ଡ, ଗୋଟିଏ ମୋବାଇଲ, ନଗଦ ୨୨ ହଜାର ଟଙ୍କା ଆଦି ଜବତ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ୨୯ ତାରିଖ ମଧରାତ୍ରରେ ହେମନ୍ତ ବାଦାମବାଡ଼ି ଥାନା ଅନ୍ତର୍ଗତ ବିକାଶ ନଗରର ପ୍ରତାପ ଚନ୍ଦ୍ର ଦାଶଙ୍କ ଘରେ ପଶି ପ୍ରାୟ ୩ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ନଗଦ ୫୦ହଜାର ଟଙ୍କା ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟ୍ କରି ଫେରାର ହୋଇଯାଇଥିଲା । ହେମନ୍ତ ତାଙ୍କ ଘରର ତାଲା ଭାଙ୍ଗି କଳାକଳା ବୁଲାଇ ଫେରାର ହୋଇଯାଇଥିଲା । ଏନେଇ ପ୍ରତାପ ବାଦାମବାଡ଼ି ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରିଥିଲା । ତଦନ୍ତ ବେଳେ ହେମନ୍ତକୁ ପୋଲିସ କାବୁ କରିବା ସହ ସେ ଲୁଟ୍ କରିଥିବା ସାମଗ୍ରୀ ସବୁକୁ ବାରଙ୍ଗର ବୈଦ୍ୟନାଥ ସାହୁଙ୍କୁ ବିକ୍ରି କରିଥିଲା । ଏହି ଘଟଣାରେ ପୋଲିସ ବୈଦ୍ୟନାଥଙ୍କୁ ଗିରଫ କରିଥିବାବେଳେ ତା ନାମରେ କଟକ, ବାରଙ୍ଗ, ବାଲିଅନ୍ତା, ନୟାପଲ୍ଲୀ, ପୁରୀଘାଟ ଆଦି ଥାନା ମାନଙ୍କରେ ପ୍ରାୟ ୧୨ଟି ମାମଲା ରହିଥିବା ଜଣାପଡିଛି । ଏଠାରେ ସୂଚନାଯୋଗ୍ୟ, ଆନ୍ତଃରାଜ୍ୟ କୁଖ୍ୟାତ ଲୁଟେରା ହେମନ୍ତ ନାମରେ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରାୟ ୧୧୦ଟି ମାମଲା ରୁଜୁ ହୋଇଥିବା ଜଣାପଡିଛି । ଗତ ୧୯୮୬ ମସିହାରୁ ହେମନ୍ତ ଲୁଟ୍ କରୁଥିବାବେଳେ ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗରେ ବହୁ ମାମଲା ରହିଥିବା ଜଣାପଡିଛି ।

୩୦୦ ଲୋକଙ୍କୁ...

ପାଇଁ ଆସିଛି ଏକ ଖୁସି ଖବର । ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ବାଚନୀ ପ୍ରଚାର କଟକଣାକୁ କୋହଳ କରିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି । ପୂର୍ବରୁ ମାତ୍ର ୫ଜଣଙ୍କୁ ନେଇ ଘରକୁ ଘର ବୁଲି ପ୍ରାର୍ଥୀମାନେ ପ୍ରଚାର କରିବାକୁ ଅନୁମତି ଦିଆଯାଇଥିଲା । ଏବେ କିନ୍ତୁ ଏଥିରେ ପରିବର୍ତ୍ତନ କରାଯାଇ ଏହାକୁ ୨୦ଜଣଙ୍କୁ ବୃଦ୍ଧି କରାଯାଇଥିବା ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ କହିଛନ୍ତି । ସେହିପରି ଏବେ ୩୦୦ ଲୋକଙ୍କୁ ନେଇ ରାଜନୈତିକ ସଭା ହୋଇପାରିବ ବୋଲି ସେ ମଧ୍ୟ ଅନୁମତି ଦେଇଛନ୍ତି । ଏବେ ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଥିବାରୁ ମୁଖ୍ୟ ନିର୍ବାଚନ କମିଶନର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି । ତେବେ କରୋନା କଟକଣା ନିୟମ ମାନି ସବୁ ରାଜନୈତିକ ଦଳ ସଭାସମିତି କରିପାରିବେ । ଯଦି କୌଣସି ସ୍ଥାନରେ ଏହି ନିୟମକୁ କେହି ଉଲ୍ଲଂଘନ କରନ୍ତି ତେବେ ସେହି ଦଳର ପ୍ରାର୍ଥୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ସ୍ପଷ୍ଟ କରିଛନ୍ତି । ଏଥିସହ ରାଜନୈତିକ ପଦଯାତ୍ରା, ରାଲି ଓ ଶୋଭାଯାତ୍ରା ଉପରେ ପୂର୍ବଭଳି କଟକଣା ବଳବତ୍ତର ରହିବ । ନିର୍ବାଚନ ପରିଚାଳନାରେ ଯେଉଁ କର୍ମଚାରୀମାନେ ନିୟୋଜିତ ରହିବେ ସେମାନଙ୍କୁ ବୁଷ୍ଟର ଡୋଜ୍ ଦିଆଯାଉଛି । ଅଦ୍ୟାବଧି ୯୦ ପ୍ରତିଶତ କର୍ମଚାରୀଙ୍କୁ ଏହି ବୁଷ୍ଟର ଡୋଜ୍ ଦିଆଯାଇ ସାରିଥିବାବେଳେ ଅନ୍ୟମାନଙ୍କୁ ଆସନ୍ତା ଦୁଇଦିନ ମଧ୍ୟରେ ଟିକାକରଣ କରାଯିବ ବୋଲି କୁହାଯାଇଛି । ସେହିପରି ବିଭିନ୍ନ ଜିଲ୍ଲାରେ ନିର୍ବାଚନ ଅଧିକାରୀଙ୍କୁ ମତଦାନ ସମ୍ବନ୍ଧରେ ତାଲିମ ଦିଆଯାଇ ସାରିଥିବାବେଳେ ଖୁବ୍‌ଶୀଘ୍ର ବାକି ରହିଥିବା ଅନ୍ୟ ଜିଲ୍ଲାଗୁଡିକରେ ଅଧିକାରୀଙ୍କୁ ତାଲିମ ଦିଆଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି ।

ପିଲାଙ୍କ ଖୁସିରେ...

ସଫଳତା ଆଣିଥାଏ । କୋଭିଡ ଯୋଗୁ ପିଲାମାନଙ୍କ ପାଠପଢାରେ ସବୁଠାରୁ ଅଧିକ କ୍ଷତି ହୋଇଛି । ତେଣୁ ଆମେ ସମସ୍ତେ ମିଶି ସେ କ୍ଷତି ଭରଣା କରିବା । ମୋର ପୁରା ଭରସା ରହିଛି । କୋଭିଡ ଯୋଗୁ ପାଠପଢାରେ ଯେଉଁ କ୍ଷତି ହୋଇଛି, ତାକୁ ଆପଣମାନେ ହିଁ ପୂରଣ କରିପାରିବେ । ଆପଣମାନେ ସବୁବେଳେ କୋଭିଡ ନିୟମ ପାଳନ ପାଇଁ ମଧ ବିଶେଷ ଦୃଷ୍ଟି ଦିଅନ୍ତୁ । ଶିକ୍ଷକ ମାନଙ୍କ ଦାୟିତ୍ୱରେ ଏବେ ପିଲାମାନେ ରହିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବହୁ ଦିନ ପରେ ସ୍କୁଲ ଆଜି ପୁଣି ଚଳଚଞ୍ଚଳ ହୋଇଛି । ପିଲାଙ୍କ କୋଳାହଳରେ ସ୍କୁଲ ଆଜି ନୂଆ ଜୀବନ ପାଇଛି । ସ୍କୁଲ ପରିଚାଳନା ବୋର୍ଡକୁ ପିଲାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । ପିତାମାତା ଓ ଅଭିଭାବକ ମାନେ ପିଲାଙ୍କୁ ସ୍କୁଲ ଛାଡନ୍ତୁ ଏବଂ ଭଲ ଭାବରେ ମାସ୍କ ପିନ୍ଧାଇ ଛାଡନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । କୋଭିଡ ଗାଇଡଲାଇନ ଠିକ୍ ଭାବରେ ପାଳନ କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବାକୁ ମୁଖ୍ୟମନ୍ତ୍ରୀ ଅଭିଭାବକ ମାନଙ୍କୁ ଅନୁରୋଧ କରିଛନ୍ତି । ପିଲାଙ୍କ ଖୁସିରେ ପରିବାରର ଖୁସି ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମାନବ ଜାତି ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି । କିନ୍ତୁ ସବୁବେଳେ ସଫଳତାର ସହିତ ମୁକାବିଲା କରି ଆଗକୁ ବଢ଼ିଛି ବୋଲି ପ୍ରକାଶ କରି ସେ ପିଲାମାନଙ୍କର ମନୋବଳ ବୃଦ୍ଧି କରିଛନ୍ତି । ତୁମମାନଙ୍କ ପୀଢି ମାନବ ଇତିହାସର ସବୁଠାରୁ କଠିନ ପରିସ୍ଥିତିକୁ ସାମ୍ନା କରିଛି ଏବଂ ଭବିଷ୍ୟତ ଆହ୍ୱାନର ମୁକାବିଲା ପାଇଁ ଏ ଅଭିଜ୍ଞତା ତୁମକୁ ସାହସ ଓ ଶକ୍ତି ଦେବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ସେ ପିଲାମାନଙ୍କ ଉପରେ ଦୃଢ଼ ଆସ୍ଥା ପ୍ରକାଶ କରି କହିଛନ୍ତି ଯେ 'ମୋର ପୁରା ବିଶ୍ୱାସ, ତୁମେମାନେ ତୁମମାନଙ୍କ ସଫଳତା ଦ୍ୱାରା ମାନବ ସମାଜକୁ ଆହୁରି ଉଜ୍ଜ୍ୱଳ ଭବିଷ୍ୟତ ଆଡକୁ ଆଗେଇ ନେବ । ଏଠାରେ ସୂଚନାଯୋଗ୍ୟ ଯେ ଆସନ୍ତା ୧୪ ତାରିଖଠାରୁ କେଜିରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବ ।

ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼

C-1865

ସଂ. 344/ ତାରିଖ 04.12.2022

ବିଜ୍ଞାପନ

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ପୌର ପରିଷଦ କାର୍ଯ୍ୟାଳୟ ଟିଟିଲାଗଡ଼ ଦ୍ୱାରା ବିଜ୍ଞପ୍ତିଜାରି କରାଯାଉଛି ଯେ, ଟିଟିଲାଗଡ଼ ପୌର ପରିଷଦକୁ ବାହ୍ୟ ମଳମୁକ୍ତ (ODF ++) ସହର ଘୋଷଣା କରାଯିବ । ଆଗକୁ କୌଣସି ବ୍ୟତି ବିଶେଷଙ୍କୁ ଖୋଲାରେ ମଳତ୍ୟାଗ କରିବା ଦେଖାଯାଏ ତାଙ୍କ ଠାରୁ ୫୦ ଟଙ୍କା ଜୋରିମାନା ଓ ପରିଶ୍ରା କଲେ ୨୦ ଟଙ୍କା ଜୋରିମାନା ଏବଂ ନିଜ ପାଇଖାନାରୁ ବାହାରୁଥିବା ମଳମୂତ୍ରକୁ ପରିଷଦର ଡ୍ରେନ୍ ମଧ୍ୟକୁ କିମ୍ବା ଖୋଲା ଜାଗାରେ ଛାଡ଼ନ୍ତି, ତେବେ ତାଙ୍କ ଠାରୁ ୫୦୦ ଟଙ୍କା ଜୋରିମାନା ଆଦାୟ କରାଯିବ ।

ନିର୍ବାହ ଅଧିକାରୀ
ପୌର ପରିଷଦ ଟିଟିଲାଗଡ଼

OIPR 13095/11/0025/2122

SHORT TENDER CALL NOTICE

E-907

Sealed tenders are invited from the reputed publisher's/suppliers for supply of Medical Books (For the Department of Psychiatry, Clinical Psychology, Psychiatric Social work & Psychiatric Nursing) quoting the discount on publishers price on previous and latest editions which are to be purchased for the Library of Mental Health Institute, SCB Medical College Hospital, Cuttack-753007 within **08/02/ 2022 to 16 /02/ 2022** and will be opened on **18 /02/ 2022 at 12.30 P.M.**. The authority reserves the right to cancel or reject any or all the tenders without assigning any reasons thereof. The details of tender papers along with terms and conditions can be obtained from the Office of the undersigned during office hours on all working days on payment of Rs.1,000/- (Rupees one thousand) only or from the website www.mhicoecuttack.co.in The tenderers/their authorized Representatives should be present at the time of opening of tender. The tender paper should be reached in the office of the undersigned through Speed Post/Regd. Post only.

1. Date of sale of tender paper **08/02 /2022 to 16/02/2022.**
2. Last date for receipt of tender paper **17/ 02/ 2022.**
3. Date of opening of tender **18 / 02 / 2022 at 12.30 P.M.**
4. Place of opening of tender –Office of the Director-cum-Medical Superintendent, Mental Health Institute, S.C.B, Medical College Hospital, Cuttack-753007(in case the due date is declared as holiday the tender can be opened on next working day)

Director-cum-Medical Superintendent
Mental Health Institute,
S.C.B, Medical College Hospital, Cuttack

OIPR 10051/11/0032/2122

ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍, ୨୦୧୬ ଆଧାରରେ ଇ-ନିଲାମ ନୋଟିସ୍
ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ (ଇନ୍ ଲିକ୍ୟୁଡେସନ)

ସିଆଇଏନ୍ : ଏଲ୪୫୨୦୨ଏମଏଚ୍୧୯୭୬ପିଏଲ୍‌ସି୦୧୯୧୩୫
ପଞ୍ଜିକୃତ କାର୍ଯ୍ୟାଳୟ : ସସ୍ତିକ ଚାମ୍ବର୍ସ,ଷଷ୍ଠ ମହଲା ସିଓନ୍ ଟ୍ରୋମ୍ବେ ରୋଡ୍,ଚେମ୍ବୁର ମୁମ୍ବାଇ ଏମ୍ଏଚ୍ ୪୦୦୦୭୧
ନିଲାମର ତାରିଖ ଓ ସମୟ : ୦୨.୦୩.୨୦୨୨ ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୨ଟା

ସମ୍ମାନୀୟ ଜାତୀୟ କମ୍ପାନୀ ଲ' ଟ୍ରିବ୍ୟୁନାଲ, ମୁମ୍ବାଇ ଖଣ୍ଡପୀଠଙ୍କ ଦ୍ୱାରା ୨୩.୦୧.୨୦୨୦ରେ ଜାରି ନିର୍ଦ୍ଦେଶନାମା ଅନୁସାରେ ନିଯୁକ୍ତ ଲିକ୍ୟୁଡେଟରଙ୍କ ଦ୍ୱାରା ଲିକ୍ୟୁଡେସନ ଇଷ୍ଟେଟ୍‌ରେ ସାମିଲ ହୋଇଥିବା ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ (କର୍ପୋରେଟ୍ ଡେବ୍‌ଟର)ର ସମ୍ପତ୍ତି ବିକ୍ରୟ ପାଇଁ । ଏହି ସମ୍ପତ୍ତିର ବିକ୍ରୟ ଇ-ନିଲାମ ପ୍ଲାଟଫର୍ମ **https://ncltauction.auctiontiger.net** ଦ୍ୱାରା ଅନୁଷ୍ଠିତ ହେବ । ନିଲାମ ହେବାକୁ ଥିବା ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ, ଏହାର ସଂରକ୍ଷିତ ମୂଲ୍ୟ, ଇଏମ୍‌ଡି ରାଶି ଏବଂ ଇନକ୍ରିମେଣ୍ଟାଲ ବିଡ୍ ନିମ୍ନ ଟେବୁଲରେ ଦର୍ଶାଯାଇଛି ।

ସମ୍ପତ୍ତି	ସଂରକ୍ଷିତ ମୂଲ୍ୟ (ଟଙ୍କାରେ)	ଇଏମ୍‌ଡି ରାଶି (ଟଙ୍କାରେ) ଏବଂ ଏହାର ଦାଖଲ ସମୟସୀମା	ଇନକ୍ରିମେଣ୍ଟାଲ ବିଡ୍ ଆମାଉଣ୍ଟ (ଟଙ୍କାରେ)
କର୍ପୋରେଟ୍ ଡେବ୍‌ଟରଙ୍କ ସମ୍ପତ୍ତି ଏମ୍/ଏସ୍ ଶ୍ରୀ ସିମେଣ୍ଟ ଲିମିଟେଡ୍, ଗ୍ରାମ-ଚନ୍ଦ୍ରବାଲି ଶ୍ୟାମପୁର, ଖୁଣ୍ଟୁଣି, ଆଠଗଡ଼, ଜିଲ୍ଲା-କଟକ, ଓଡ଼ିଶା-୭୫୪୦୨୯ରେ ଅଛି । ("ନିଲାମ ସାଇଟ୍") ସମ୍ପତ୍ତି ଏବଂ ନିଲାମର ସର୍ତ୍ତାବଳି ସମ୍ପର୍କରେ ଅଧିକ ବିବରଣୀ ପାଇଁ ଦୟାକରି କର୍ପୋରେଟ୍ ଡେବଟରଙ୍କ ୱେବ୍‌ସାଇଟ୍ **http://petronengineering.com/liquidation-process/liquidation-process**ରେ ଉପଲବ୍ଧ ଥିବା ପ୍ରୋସେସ୍ ଡକ୍ୟୁମେଣ୍ଟ ଅନୁଧ୍ୟାନ କରନ୍ତୁ ।	୨୨,୯୭,୧୨୮/-	୨,୨୯,୭୧୦/- ୦୮.୦୨.୨୦୨୨ରୁ ୧୬.୦୨.୨୦୨୨ପର୍ଯ୍ୟନ୍ତ	୨୦,୦୦୦/- କିମ୍ବା ଏହାଠାରୁ ଅଧିକ

ଦ୍ରଷ୍ଟବ୍ୟ :
୧) ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତି "ଯେଉଁଠାରେ ଅଛି", "ଯେପରି ଅଛି", "ଯେଉଁ ସ୍ଥିତିରେ ଅଛି" ଏବଂ "ଫେରସ୍ତଯୋଗ୍ୟ ନ ହେବା ସ୍ଥିତିରେ" ନିଲାମ ହେବ ।
୨) ନିଲାମ ସାଇଟ୍‌ରେ ଅବସ୍ଥିତ କେଏସଏସ୍ ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍‌ର ସମ୍ପତ୍ତି ସହିତ ମିଳିତ ଭାବେ ଥିବା (ଇନ ଲିକ୍ୟୁଡେସନ) ପେଟ୍ରୋନ ଇଞ୍ଜିନିୟରିଂ କନଷ୍ଟ୍ରକ୍‌ସନର ଇ-ଅକ୍ସନ ଉଦ୍ଦେଶ୍ୟରେ ଏହି ପବ୍ଲିକ ନୋଟିସ୍ ଇସ୍ୟୁ କରାଯାଇଛି । ଆଶାୟୀ ନିଲାମଧାରୀମାନେ କେଏସଏସର ସମ୍ପତ୍ତି ସଂପର୍କିତ ତଥ୍ୟ ଏବଂ ପ୍ରକ୍ରିୟା ସଂପର୍କରେ ଏହି ପବ୍ଲିକ ନୋଟିସ୍‌ରୁ ଅନୁଧ୍ୟାନ କରିପାରିବେ । ଏହାର ପ୍ରୋସେସ ସ୍ପେସିଫିକ୍ ୱେବ୍‌ସାଇଟ୍ ଯଥା **https://ksspetron.in/liquidation.html**ରୁ ପାଇପାରିବେ ।
୩) ଅଧିକ ସୂଚନା ଏବଂ କ୍ଲାରିଫିକେଶନ ପାଇଁ ଆପଣ ଦୟାକରି ଲିକ୍ୟୁଡେଟରଙ୍କୁ ୦୧୧-୪୯୧୨୧୬୪୪- ୪୫ରେ କିମ୍ବା ତାଙ୍କ ଟିମ୍ ସଦସ୍ୟ,ମିଷ୍ଟର ଡିଭିଶ୍ ଆହୂଜାଙ୍କୁ +୯୧ ୮୮୬୦୫୮୮୨୦୯ କିମ୍ବା ମିଷ୍ଟର ମନୀଷ ବ୍ୟାସ + ୯୧ ୯୬୬୭୦୯୦୧୩୫ରେ ଯୋଗାଯୋଗ କରିପାରିବେ ।

ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ (ଇନ୍ ଲିକ୍ୟୁଡେସନ) ପାଇଁ

ସ୍ୱା/-
ସିଏସ୍ ଭିନୀତ କେ ଚୌଧୁରୀ
ଲିକ୍ୟୁଡେଟର
ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ ମାମଲାରେ
ଆଇବିବିଆଇ ପଞ୍ଜିକରଣ ନମ୍ବର : ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୧୦୩/ ୨୦୧୭-୧୮/୧୦୨୪୬
liquidatorpecl@vkcindia.com (ପ୍ରୋସେସ୍ ସ୍ପେସିଫିକ)
ip.vineetchaudhary@gmail.com (ଆଇବିବିଆଇରେ ପଞ୍ଜିକୃତ)
ଆଇବିବିଆଇରେ ପଞ୍ଜିକୃତ ଲିକ୍ୟୁଡେଟରଙ୍କ ଠିକଣା :
ଡି-୩୮,ଏଲଜିଏଫ(ଏଲ/ଏସ୍),ସାଉଥ୍ ଏକ୍ସଟେନ୍‌ସନ, ପାର୍ଟ-୨,ନୂଆଦିଲ୍ଲୀ-୧୧୦୦୪୯
ତାରିଖ : ୦୮.୦୨.୨୦୨୨

ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍, ୨୦୧୬ ଆଧାରରେ ଇ-ନିଲାମ ନୋଟିସ୍
କେଏସ୍ଏସ୍ ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ (ଇନ୍ ଲିକ୍ୟୁଡେସନ)

ସିଆଇଏନ୍ : ୟୁ୪୫୪୦୦ଏମଏଚ୍୨୦୦୭ପିଟିସି୨୩୪୨୯୭
ପଞ୍ଜିକୃତ କାର୍ଯ୍ୟାଳୟ : ସସ୍ତିକ ଚାମ୍ବର, ଷଷ୍ଠ ମହଲା ସିଓନ୍ ଟ୍ରୋମ୍ବେ ରୋଡ୍,ଚେମ୍ବୁର ମୁମ୍ବାଇ ଏମ୍ଏଚ୍ ୪୦୦୦୭୧
ନିଲାମର ତାରିଖ ଓ ସମୟ : ୦୨.୦୩.୨୦୨୨ ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୨ଟା

ସମ୍ମାନୀୟ ଜାତୀୟ କମ୍ପାନୀ ଲ' ଟ୍ରିବ୍ୟୁନାଲ, ମୁମ୍ବାଇ ଖଣ୍ଡପୀଠଙ୍କ ଦ୍ୱାରା ୨୭.୧୨.୨୦୧୯ରେ ଜାରି ନିର୍ଦ୍ଦେଶନାମା ଅନୁସାରେ ନିଯୁକ୍ତ ଲିକ୍ୟୁଡେଟରଙ୍କ ଦ୍ୱାରା ଲିକ୍ୟୁଡେସନ ଇଷ୍ଟେଟ୍‌ରେ ସାମିଲ ହୋଇଥିବା କେଏସ୍ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ (କର୍ପୋରେଟ୍ ଡେବ୍‌ଟର)ର ସମ୍ପତ୍ତି ବିକ୍ରୟ ପାଇଁ । ଏହି ସମ୍ପତ୍ତିର ବିକ୍ରୟ ଇ-ନିଲାମ ପ୍ଲାଟଫର୍ମ **https://ncltauction.auctiontiger.net** ଦ୍ୱାରା ଅନୁଷ୍ଠିତ ହେବ । ନିଲାମ ହେବାକୁ ଥିବା ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ, ଏହାର ସଂରକ୍ଷିତ ମୂଲ୍ୟ, ଇଏମ୍‌ଡି ରାଶି ଏବଂ ଇନକ୍ରିମେଣ୍ଟାଲ ବିଡ୍ ନିମ୍ନ ଟେବୁଲରେ ଦର୍ଶାଯାଇଛି ।

ସମ୍ପତ୍ତି	ସଂରକ୍ଷିତ ମୂଲ୍ୟ (ଟଙ୍କାରେ)	ଇଏମ୍‌ଡି ରାଶି (ଟଙ୍କାରେ) ଏବଂ ଏହାର ଦାଖଲ ସମୟସୀମା	ଇନକ୍ରିମେଣ୍ଟାଲ ବିଡ୍ ଆମାଉଣ୍ଟ (ଟଙ୍କାରେ)
କର୍ପୋରେଟ୍ ଡେବ୍‌ଟରଙ୍କ ସମ୍ପତ୍ତି ଏମ୍/ଏସ୍ ଶ୍ରୀ ସିମେଣ୍ଟ ଲିମିଟେଡ୍, ଗ୍ରାମ-ଚନ୍ଦ୍ରବାଲି ଶ୍ୟାମପୁର, ଖୁଣ୍ଟୁଣି, ଆଠଗଡ଼, ଜିଲ୍ଲା-କଟକ, ଓଡ଼ିଶା-୭୫୪୦୨୯ରେ ଅଛି । ("ନିଲାମ ସାଇଟ୍") ସମ୍ପତ୍ତି ଏବଂ ନିଲାମର ସର୍ତ୍ତାବଳି ସମ୍ପର୍କରେ ଅଧିକ ବିବରଣୀ ପାଇଁ ଦୟାକରି କର୍ପୋରେଟ୍ ଡେବଟରଙ୍କ ୱେବ୍‌ସାଇଟ୍ **http://ksspetron.in/liquidation.html**ରେ ଉପଲବ୍ଧ ଥିବା ପ୍ରୋସେସ୍ ଡକ୍ୟୁମେଣ୍ଟ ଅନୁଧ୍ୟାନ କରନ୍ତୁ ।	୩୭,୨୧,୮୯୮/-	୩,୭୨,୧୯୦/- ୦୮.୦୨.୨୦୨୨ରୁ ୧୬.୦୨.୨୦୨୨ ପର୍ଯ୍ୟନ୍ତ	୨୦,୦୦୦/- କିମ୍ବା ଏହାଠାରୁ ଅଧିକ

ଦ୍ରଷ୍ଟବ୍ୟ :
୧) ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତି "ଯେଉଁଠାରେ ଅଛି", "ଯେପରି ଅଛି", "ଯେଉଁ ସ୍ଥିତିରେ ଅଛି" ଏବଂ "ଫେରସ୍ତଯୋଗ୍ୟ ନ ହେବା ସ୍ଥିତିରେ" ନିଲାମ ହେବ ।
୨) ନିଲାମ ସାଇଟ୍‌ରେ ଅବସ୍ଥିତ ପେଟ୍ରୋନ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ ଲିମିଟେଡ୍‌ର ସମ୍ପତ୍ତି ସହିତ ମିଳିତ ଭାବେ ଥିବା (ଇନ ଲିକ୍ୟୁଡେସନ) କେଏସଏସ ପେଟ୍ରୋନ ପ୍ରାଇଭେଟ ଲିମିଟେଡ୍‌ର ଇ-ଅକ୍ସନ ଉଦ୍ଦେଶ୍ୟରେ ଏହି ପବ୍ଲିକ ନୋଟିସ୍ ଇସ୍ୟୁ କରାଯାଇଛି । ଆଶାୟୀ ନିଲାମଧାରୀମାନେ ପିଇସିଏଲ୍‌ର ସମ୍ପତ୍ତି ସଂପର୍କିତ ତଥ୍ୟ ଏବଂ ପ୍ରକ୍ରିୟା ସଂପର୍କରେ ଏହି ପବ୍ଲିକ ନୋଟିସ୍‌ରୁ ଅନୁଧ୍ୟାନ କରିପାରିବେ । ଏହାର ପ୍ରୋସେସ ସ୍ପେସିଫିକ୍ ୱେବ୍‌ସାଇଟ୍ ଯଥା **http://petronengineering.com/liquidation-process/liquidation-process.**ରୁ ପାଇପାରିବେ ।
୩) ଅଧିକ ସୂଚନା ଏବଂ କ୍ଲାରିଫିକେଶନ ପାଇଁ ଆପଣ ଦୟାକରି ଲିକ୍ୟୁଡେଟରଙ୍କୁ ୦୧୧-୪୯୧୨୧୬୪୪- ୪୫ରେ କିମ୍ବା ତାଙ୍କ ଟିମ୍ ସଦସ୍ୟ,ମିଷ୍ଟର ଡିଭିଶ୍ ଆହୂଜାଙ୍କୁ +୯୧ ୮୮୬୦୫୮୮୨୦୯ କିମ୍ବା ମନୀଷ ବ୍ୟାସ + ୯୧ ୯୬୬୭୦୯୦୧୩୫ରେ ଯୋଗାଯୋଗ କରିପାରିବେ ।

କେଏସଏସ ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ (ଇନ୍ ଲିକ୍ୟୁଡେସନ) ପାଇଁ

ସ୍ୱା/-
ସିଏସ୍ ଭିନୀତ କେ ଚୌଧୁରୀ
ଲିକ୍ୟୁଡେଟର
କେଏସ୍ଏସ୍ ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ ମାମଲାରେ
ଆଇବିବିଆଇ ପଞ୍ଜିକରଣ ନମ୍ବର : ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୧୦୩/ ୨୦୧୭-୧୮/୧୦୨୪୬
liquidatorksspetron@vkcindia.com (ପ୍ରୋସେସ୍ ସ୍ପେସିଫିକ)
ip.vineetchaudhary@gmail.com (ଆଇବିବିଆଇରେ ପଞ୍ଜିକୃତ)
ଆଇବିବିଆଇରେ ପଞ୍ଜିକୃତ ଲିକ୍ୟୁଡେଟରଙ୍କ ଠିକଣା :
ଡି-୩୮,ଏଲଜିଏଫ(ଏଲ/ଏସ୍),ସାଉଥ୍ ଏକ୍ସଟେନ୍‌ସନ, ପାର୍ଟ-୨,ନୂଆଦିଲ୍ଲୀ-୧୧୦୦୪୯
ତାରିଖ : ୦୮.୦୨.୨୦୨୨
ସ୍ଥାନ : ନୂଆଦିଲ୍ଲୀ